# କର୍ପୋରେଟ୍ ଫାଶିବାଦୀ ଆକ୍ରମଣ ପରିପ୍ରେକ୍ଷୀରେ ଅକ୍ଟୋବର ବିପ୍ଲବରୁ ଶିକ୍ଷା*

**ବୀରେନ୍ଦ୍ର ନାୟକ**

<u>ଏହି ଭଳି ଶିରୋନାମା କାହିଁକି ?</u>

ସରକାରର ନେତୃତ୍ୱ ବର୍ତ୍ତମାନ ଯେଉଁ ଦଳ ନେଉଛି, ଅର୍ଥାତ୍ ଭାରତୀୟ ଜନତା ପାର୍ଟି (ବିଜେପି), ତାହାର ଆଦର୍ଶଗତ ଭିତ୍ତିଭୂମି ଯେ ରାଷ୍ଟ୍ରୀୟ ସ୍ୱଂୟସେବକ ସଂଘ (ଆର୍‌ଏସ୍‌ଏସ୍)ରେ ନିହିତ, ଏହା ସର୍ବବିଦିତ । କେବଳ ଆଦର୍ଶରେ ଏହି ଦୁଇ ସଂଗଠନ ବାନ୍ଧା ନୁହନ୍ତି, ଆର୍.ଏସ୍.ଏସ୍.ର ରାଜନୈତିକ ଅଙ୍ଗ ହେଉଛି ବିଜେପି, ଏହା ମଧ୍ୟ ସର୍ବବିଦିତ । ସରକାରରେ ଥିବା ମନ୍ତ୍ରୀମାନେ ଆର୍.ଏସ୍.ଏସ୍.କୁ ନିଜ କାର୍ଯ୍ୟର ରିପୋର୍ଟ ଦେବା ଏହି ସମ୍ପର୍କର ନିବିଡ଼ତା ଦର୍ଶାଏ । ଆର୍.ଏସ୍.ଏସ୍.ର ଇତିହାସ କୁହେ ଯେ ଏହି ସଙ୍ଗଠନ ଯେଉଁମାନଙ୍କର ମାନସ ସନ୍ତାନ, କେ ବି ହେଡଗେୱାର, ଭି ଡି ସାଭରକର, ବି ଏସ୍ ମୁଂଜେ ଓ ହେଡଗୱାରଙ୍କ ପରେ ଗୋଲୱାଲକର; ଏ ସମସ୍ତେ ମୁସୋଲିନିଙ୍କ ଫାଶିବାଦ ଓ ହିଟଲରଙ୍କ ନାଜୀବାଦର ଥିଲେ ପ୍ରଶଂସକ । ବି ଏସ୍ ମୁଂଜେ ତ ମୁସୋଲିନିଙ୍କ ସହ ସାକ୍ଷାତ କରିଥିଲେ ମାର୍ଚ୍ଚ ୧୯, ୧୯୩୧ ଅପରାହ୍ନ ୩ଟା ବେଳେ ଓ ମୁସୋଲିନିଙ୍କୁ କହିଥିଲେ ସେ ଫାଶିଷ୍ଟ ସଙ୍ଗଠନଗୁଡ଼ିକୁ ଦେଖି ବେଶ୍ ପ୍ରଭାବିତ ହୋଇଛନ୍ତି । ପ୍ରତ୍ୟେକ ଉଚ୍ଚାକାଂକ୍ଷୀ ଓ ବିକାଶୋନ୍ମୁଖୀ ରାଷ୍ଟ୍ର ପାଇଁ ଏହି ଭଳି ସଙ୍ଗଠନ ଜରୁରୀ । ସାଭରକର କହୁଥିଲେ (ଅକ୍ଟୋବର ୧୪, ୧୯୩୮), "ଏକ ରାଷ୍ଟ୍ରର ଗଠନ ସେହିମାନଙ୍କ ଦ୍ୱାରା ହୁଏ ଯେଉଁମାନେ ସଂଖ୍ୟାଗରିଷ୍ଠ । ଜର୍ମାନୀରେ ଇହୁଦୀମାନେ କଣ କରିଥିଲେ? ସେମାନେ ସଂଖ୍ୟାଲଘୁ ହୋଇଥିବାରୁ ସେମାନଙ୍କୁ ଜର୍ମାନୀରୁ ବାହାର କରି ଦିଆଗଲା ।"[୧] ଗୋଲୱାଲକର ଲେଖିଲେ, "ଜର୍ମାନୀ ଦେଖାଇଦେଲା ଯେ ଯେଉଁ ବର୍ଣ୍ଣ ଓ ସଂସ୍କୃତିମାନଙ୍କ ମଧ୍ୟରେ ମୌଳିକ ପାର୍ଥକ୍ୟ ରହିଛି, ସେଗୁଡ଼ିକୁ ଗୋଟିଏ ସାମଗ୍ରିକ ଏକକରେ ପରିଣତ କରିବା କିପରି ଅସମ୍ଭବ, ହିନ୍ଦୁସ୍ତାନରେ ଆମ ପାଇଁ ଏହା ଏକ ଭଲ ଶିକ୍ଷା ଯାହା ଅମେ ଗ୍ରହଣ କରିବା ଉଚିତ ଓ ଲାଭାନ୍ୱିତ ହେବା ଉଚିତ ।"[୧] ଗୋଲୱାଲକରଙ୍କ ଦୃଷ୍ଟିରେ ଭାରତର ତିନୋଟି ଆଭ୍ୟନ୍ତରୀଣ ବିପଦ ହେଉଛନ୍ତି ମୁସଲମାନ, ଖ୍ରୀଷ୍ଟିଆନ ଓ କମ୍ୟୁନିଷ୍ଟ । ଏହା ତାଙ୍କର ବଂଚ୍ ଅଫ୍ ଥଟ୍ସ (Bunch of Thoughts)ର ଷୋଡ଼ଶ ଅଧ୍ୟାୟରେ ଉଲ୍ଲେଖ ହୋଇଛି । ନରେନ୍ଦ୍ର ମୋଦୀଙ୍କ ମୁଖ୍ୟମନ୍ତ୍ରୀତ୍ୱ ସମୟରେ ୨୦୦୨ ନରସଂହାରକୁ ଦେଖିଲେ ଗୋଲୱାଲକରଙ୍କର ଆଭ୍ୟନ୍ତରୀଣ ବିପଦର ସମାଧାନ ପାଇଁ ଉପଯୁକ୍ତ ଯେ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱ, ଏହା ଆର୍.ଏସ୍.ଏସ୍.ର ହୃଦ୍‌ବୋଧ ହେବା ସ୍ୱାଭାବିକ ଯଦିଓ ତତ୍କାଳୀନ ପ୍ରଧାନମନ୍ତ୍ରୀ ଓ ବିଜେପିର ସର୍ବୋଚ୍ଚ ନେତା ଅଟଳବିହାରୀ ବାଜପେୟୀ ଚାହୁଁଥିଲେ ନରେନ୍ଦ୍ର ମୋଦୀଙ୍କର ଇସ୍ତଫା । କିନ୍ତୁ ମୋଦୀଙ୍କ ନେତୃତ୍ୱରେ ଗୁଜୁରାଟରେ ଲଗାତାର ବିଜେପିର ନିର୍ବାଚନୀ ବିଜୟ ତାଙ୍କୁ ବିଜେପି ଭିତରେ ଏକ ଅପ୍ରତିଦ୍ୱନ୍ଦ୍ୱୀ ନେତା ଭାବେ ପରିଚିତି ଦେଉଥିଲା । ୨୦୦୯ ମସିହା ପରେ କର୍ପୋରେଟ୍ ଜଗତ ତାଙ୍କୁ ପ୍ରଧାନମନ୍ତ୍ରୀ ଯୋଗ୍ୟ ବୋଲି ଗଣମାଧ୍ୟମରେ ଉପସ୍ଥାପିତ କରିବା ଆରମ୍ଭ କଲା[୨] । ଏହା ଥିଲା ଅଶ୍ରୁତପୂର୍ବ; ସିଧାସଳଖ କୌଣସି ରାଜନୈତିକ ବ୍ୟକ୍ତିକୁ ପ୍ରଧାନମନ୍ତ୍ରୀଭାବେ କର୍ପୋରେଟ ଜଗତ କହିବା ପୂର୍ବେ କେବେଁ ହୋଇ ନଥିଲା । ଅନୀଲ ଅମ୍ବାନୀ କହୁଥିଲେ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ 'ଗୁଜୁରାଟର ସବୁ କ୍ଷେତ୍ରରେ ବିକାଶ ହୋଇଛି । ଭାବି ଦେଖ ଦେଶର କଣ ହେବ ଯଦି ସେ ଦେଶକୁ ନେତୃତ୍ୱ ଦିଅନ୍ତି ।' ମିତ୍ତଲ କହୁଥିଲେ ମୋଦୀ 'ଏକ ରାଜ୍ୟ ଚଳାଉଛନ୍ତି, ସେ ଦେଶକୁ ମଧ ଚଳାଇପାରିବେ ।' ଭାଇବ୍ରାଣ୍ଟ ଗୁଜରାଟ ସରକାରୀ ସମାରୋହରେ ଏହି ପ୍ରକାର ମୋଦୀଙ୍କର ସମର୍ଥନରେ ବାହାରି ପଡିଥିଲେ ଭାରତର କର୍ପୋରେଟ ଜଗତ । ୨୦୧୪ରେ ବିଜେପି ମୋଦୀଙ୍କ ନେତୃତ୍ୱରେ କେନ୍ଦ୍ରରେ ସରକାର ଗଢ଼ିଲା । କର୍ପୋରେଟ ଜଗତର ଲକ୍ଷ୍ୟ, ମୋଦୀଙ୍କୁ ଭାରତର ପ୍ରଧାନମନ୍ତ୍ରୀ ଭାବେ ଦେଖିବା, ହାସଲ ହେଲା । କର୍ପୋରେଟ-ମୋଦୀ-ବିଜେପି-

ଆର୍.ଏସ୍.ଏସ୍, ଏହିଭଳି ଏକ ସମ୍ପର୍କକୁ ଦେଖି ଆଜିର କର୍ପୋରେଟ ଫାଶିବାଦୀ ବୋଲି ଅଭିଯୋଗକୁ କେହି ସମ୍ବରଣ ନକରି ପାରିବା ଅସ୍ୱାଭାବିକ ନୁହେଁ । ବିଶେଷତଃ ଯେତେବେଳେ ବିଜେପି କର୍ପୋରେଟମାନଙ୍କର ଅତି ପ୍ରିୟ ବୋଲି ଅଧ୍ୟୟନ ଦର୍ଶାଏ[୩] ।

## ଫାଶିବାଦର ଆଭିଧାନିକ ଅର୍ଥ

ଆଭିଧାନିକ ଅର୍ଥରେ ଫାଶିବାଦ ଏକ ଆଦର୍ଶ, ଶାସନର ଏକ ଚରିତ୍ର ଯାହା ମୁଖ୍ୟତଃ ଉଦାରବାଦ ବିରୋଧୀ ଓ ସାମ୍ୟବାଦବିରୋଧୀ । ହିଂସା ପ୍ରତି ଥାଏ ଏହାର ଏକ ସକାରାତ୍ମକ ଦୃଷ୍ଟିକୋଣ ଅର୍ଥାତ୍ ହିଂସାରେ ବିଶ୍ୱାସ କରେ । ଏହା ବିଶ୍ୱାସ କରେ ଯେ ଯେଉଁମାନେ ବର୍ଣ୍ଣରେ ଉଚ୍ଚ ସେମାନେ ହିଁ ଶାସକ ହେବେ । ଏହା ବିଶ୍ୱାସ କରେ କ୍ଷମତାର କେନ୍ଦ୍ରୀକରଣ ଓ ଠୁଳୀକରଣରେ, ଏକଛତ୍ରବାଦରେ । ଏହି ଆଦର୍ଶ ଭିତ୍ତିରେ ଶାସନ ହୁଏ ଫାଶିବାଦୀ, ଯେଉଁଠି ଉଗ୍ର ଜାତୀୟତାବାଦକୁ ପ୍ରାଥମିକତା ଦିଆଯାଏ, ରାଜନୈତିକ ବିରୋଧୀଙ୍କୁ ନିଷ୍ଠୁରଭାବେ ଦମନ କରାଯାଏ, ଅର୍ଥନୈତିକ ଓ ସାମାଜିକ କଟକଣା ଗୁଡ଼ିକୁ କଠୋର କରାଯାଏ । ଶାସକ ଏକଛତ୍ରବାଦୀ ହୋଇଥାଏ । ବିଡ଼ମ୍ବନା ହେଉଛି ଯେ ଏହି ଅବଧାରଣାର ଅଭ୍ୟୁଦୟ ଓ ରୁଷ ବିପ୍ଳବ ପ୍ରାୟ ସମସାମୟିକ । ଯିଏ ପ୍ରଥମେ ଫାଶିବାଦୀ ରାଜନୀତିର ନିଅଁ ପକାଇଥିଲେ, ସେ ହେଉଛନ୍ତି ଇଟାଲୀର ବେନିଟୋ ମୁସୋଲିନି (୨୯ଜୁଲାଇ ୧୮୮୩ -୨୮ ଏପ୍ରିଲ ୧୯୪୫) । ୧୯୧୯-୨୧ ମଧ୍ୟରେ ସେ ଗଢ଼ିଥିଲେ ଫାଶିଷ୍ଟ ପାର୍ଟି । ଉଲ୍ଲେଖନୀୟ ଯେ ଯେତେବେଳେ ସମାଜବାଦ/ସାମ୍ୟବାଦ ଉପରେ ପର୍ଯ୍ୟବସିତ ବୋଲସେଭିକ୍ ପାର୍ଟି ରୁଷିଆରେ ଶାସନର ଡୋରି ହାତକୁ ନେଉଛି ସେତେବେଳେ ଫାଶିଷ୍ଟ ପାର୍ଟିର ଜନ୍ମ ହେଉଛି । ଏହି ଆଭିଧାନିକ ଅର୍ଥରେ ଦେଖିଲେ କର୍ପୋରେଟ ହାତରେ କେତେ ଦୂର ରାଜନୈତିକ କ୍ଷମତା ରହିଛି ଓ ସେ ଦେଶର ଶାସନକୁ କେତେଦୂର ଓ କିପରି ନିୟନ୍ତ୍ରଣ କରୁଛି ଯେ କର୍ପୋରେଟ ଫାଶିବାଦ କହିବା ସମୀଚୀନ ହେବ ? କର୍ପୋରେଟ ତା' ନିଜ ଅଧୀନରେ ଥିବା ବ୍ୟବସାୟର ପରିଚାଳନା କରେ, କିନ୍ତୁ ଦେଶକୁ ଶାସନ କରିବ-ଏହା କିପରି ?

## *କର୍ପୋରେଟ ହାତରେ ବିଶ୍ୱର ଶାସନ !*

ପ୍ରାୟ ଦୁଇଦଶନ୍ଧି ତଳେ ଏକ ପୁସ୍ତକ ପ୍ରକାଶ ପାଇଥିଲା ଯାହାର ନାଁ ଥିଲା When Corporations Rule the World (The Other India Press, 1998) , ଲେଖକ ଥିଲେ David C Korten । ଏହି ବହିର ପ୍ରସ୍ତାବନାରେ ସେ ଲେଖିଥିଲେ (ପୃ-୧୨), "ଜଣାଯାଉଛି ଯେ ସରକାର ଲୋକଙ୍କ ଅଭିଯୋଗ ଶୁଣିବାରେ ସମ୍ପୂର୍ଣ୍ଣ ଅସମର୍ଥ ହୋଇଛି ଏବଂ ଲୋକଙ୍କ ନୈରାଶ୍ୟ କ୍ରୋଧରେ ପରିଣତ ହେବାରେ ଲାଗିଛି । ଏହା କେବଳ ସରକାରୀ ଅମଲାତନ୍ତ୍ରର ବିଫଳତା-ଜନିତ ନୁହେଁ ବରଂ ତା'ଠାରୁ ଅଧିକ । ଏହା ଶାସନର ସଂକଟଜନିତ । ଏହି ସଂକଟ ସୃଷ୍ଟି ହୋଇଛି ଜଗତୀକରଣ ପ୍ରକ୍ରିୟା ପଛରେ ଥିବା ଆଦର୍ଶ, ରାଜନୀତି ଓ ପ୍ରଯୁକ୍ତି ବିଦ୍ୟାର ସମ୍ମିଳିତ ପ୍ରଭାବ ଦ୍ୱାରା ଲୋକଙ୍କ ପ୍ରତି ସରକାରଙ୍କର ଦାୟିତ୍ୱ ନିର୍ବାହର କ୍ଷମତା କେତେକ ହାତଗଣତି କର୍ପୋରେସନମାନଙ୍କ ହାତକୁ ଚାଲିଯାଇଛି ଯେଉଁ କର୍ପୋରେସନଗୁଡିକର ଉଦ୍ଦେଶ୍ୟ ହେଉଛି କେବଳ ସ୍ୱଳ୍ପମିଆଦୀ ଆର୍ଥିକ ଲାଭ । ଏହାଦ୍ୱାରା ଠୁଳହୋଇଛି ପ୍ରଚୁର ଅର୍ଥନୈତିକ ଓ ରାଜନୈତିକ କ୍ଷମତା ଏକ ବିଶିଷ୍ଟ ଶ୍ରେଣୀ ହାତରେ, ଯେଉଁ ଶ୍ରେଣୀର କ୍ରମଶଃ ହ୍ରାସ ପାଉଥିବା ପ୍ରାକୃତିକ ସମ୍ପଦର ଉତ୍ପାଦନରେ ଅଂଶ ଏକ ବୃହତ୍ତର ହାରରେ ବଢ଼ିବାରେ ଲାଗିଛି, ଯାହା ସେମାନଙ୍କୁ ଆଶ୍ୱସ୍ତ କରୁଛି ଯେ ବ୍ୟବସ୍ଥା ପୂର୍ଣ୍ଣଭାବରେ ଭଲ କାର୍ଯ୍ୟ କରୁଛି ।" ଆଜି ଯଦି ଆମେ ସମ୍ବାଦ ପଢୁଛୁ ଯେ ଭାରତବର୍ଷରେ ଜନସଂଖ୍ୟାର ଉପର ଶତକଡ଼ା ୧ଭାଗଙ୍କ ହାତରେ ଦେଶର ଶତକଡା ୫୮.୪ ଭାଗ ସମ୍ପତ୍ତି ଓ ୨୦୧୦ରୁ ଏହି ଅଂଶ କ୍ରମାନ୍ୱୟରେ ବୃଦ୍ଧି ପାଉଛି (୨୦୧୦ରେ ୪୦.୩; ୨୦୧୧ରେ ୪୬.୮; ୨୦୧୨ରେ ୪୮.୮; ୨୦୧୩ରେ ୪୮.୭; ୨୦୧୪ରେ ୪୯.୦; ୨୦୧୫ରେ ୫୩; ୨୦୧୬ରେ ୫୮.୪) ଓ କଂଗ୍ରେସ ନେତୃତ୍ୱରେ ଉପା ସରକାରଙ୍କ ସମୟରେ ଏହି ଅଂଶର ବୃଦ୍ଧିର ହାରାହାରି ହାର ଶତକଡ଼ା ୫.୨୧ ଥିବା ବେଳେ ବିଜେପି ନେତୃତ୍ୱରେ ଏନ୍‌ଡିଏ ସରକାରଙ୍କ ସମୟରେ ଏହି ହାରାହାରି ହାର ୬.୩୯ ହୋଇଛି, ତାହାହେଲେ ସ୍ୱାଭାବିକ ନିଷ୍କର୍ଷ ଯେ ବିଜେପି ନେତୃତ୍ୱରେ ଏନ୍‌ଡିଏ ସରକାରଙ୍କ ଅମଳରେ ଜନସଂଖ୍ୟାର ଉପର ଶତକଡ଼ା ୧ ପ୍ରତିଶତଙ୍କ ହାତରେ ଜାତୀୟ ସମ୍ପତ୍ତି ଅଧିକ କ୍ଷୀପ୍ର ଗତିରେ ଠୁଳ ହେବାରେ ଲାଗିଛି । ଉଲ୍ଲେଖଯୋଗ୍ୟ ଯେ ଯେତେବେଳେ ଭାରତରେ ଶତକଡ଼ା ୫୮.୪ ଭାଗ ସମ୍ପତ୍ତି ଜନସଂଖ୍ୟାର ଉପର ଶତକଡ଼ା ୧ ପ୍ରତିଶତଙ୍କ ହାତରେ ରହିଛି, ସେତେବେଳେ ବିଶ୍ୱ ଜନସଂଖ୍ୟାର ଉପର ଶତକଡ଼ା ୧ ପ୍ରତିଶତଙ୍କ ହାତରେ ରହିଛି ବିଶ୍ୱର ସମୁଦାୟ ସମ୍ପତ୍ତିର ଶତକଡ଼ା ୫୦ଭାଗ । ଆଉ ଏକ ପରିସଂଖ୍ୟାନ ଉପରୋକ୍ତ ଉଦ୍ଧୃତିକୁ ପୁଷ୍ଟ କରିବ । ତାହା ହେଉଛି ଆମର ୫୭ଜଣ ବିଲିଓନାୟାରଙ୍କ ହାତରେ ଯେତିକି ସମ୍ପତ୍ତି ଅଛି ତାହା ଆମ ଜନସଂଖ୍ୟାର ତଳ ୭୦ପ୍ରତିଶତ ଲୋକଙ୍କ

ସମ୍ପତ୍ତି ସହ ସମାନ । ବିଶ୍ୱସ୍ତରରେ ଦେଖିଲେ ମାତ୍ର ଆଠଜଣ ବିଲିଓନାୟାରଙ୍କ ପାଖରେ ଥିବା ସମ୍ପତ୍ତିର ପରିମାଣ ଜନସଂଖ୍ୟାର ତଳ ଶତକଡ଼ା ୫୦ଭାଗ ଲୋକଙ୍କ ପାଖରେ ଥିବା ସମ୍ପତ୍ତି ସହ ସମାନ । (ଏଠି ବିଲିଓନାୟାର କହିଲେ ୧୦୦କୋଟି ଆମେରିକୀୟ ଡଲାର ସମ୍ପତ୍ତିର ମାଲିକକୁ ବୁଝିବା) ବିଶ୍ୱର ଅନ୍ୟ ରାଷ୍ଟ୍ରମାନଙ୍କ ସହ ତୁଳନା କଲେ ରୁଷ୍ର ଜନସଂଖ୍ୟାର ଉପର ଶତକଡ଼ା ୧ ପ୍ରତିଶତଙ୍କ ହାତରେ ଅଛି ରାଷ୍ଟ୍ରର ସମ୍ପତ୍ତିର ଶତକଡ଼ା ୭୪.୫ଭାଗ; ଯୁକ୍ତରାଷ୍ଟ୍ର ଆମେରିକାରେ ଏହି ଅଂଶ ହେଉଛି ଶତକଡ଼ା ୪୨.୧ ଭାଗ; ଚୀନ୍‌ରେ ୪୩.୮ ଭାଗ ; ବ୍ରାଜିଲରେ ୪୭.୯ ଭାଗ; ଇଣ୍ଡୋନେସିଆରେ ୪୯.୩ ଭାଗ ; ମେକ୍ସିକୋ ୩୮.୨ଭାଗ, ଥାଇଲାଣ୍ଡ ୫୮.୦ଭାଗ; ଦକ୍ଷିଣ ଆଫ୍ରିକା ୪୧.୯ଭାଗ । ରୁଷ ସମ୍ପର୍କରେ ପରିସଂଖ୍ୟାନ  ନିଶ୍ଚିତଭାବରେ ଚକିତ କରୁଥିବ ଯେ ଯେଉଁ ବୈଷମ୍ୟକୁ ଦୂର କରିବାକୁ ଯାଇ ରୁଷ୍ ବିପ୍ଲବ ହୋଇଥିଲା ଓ ସମାଜବାଦର ସ୍ଥାପନା ହୋଇଥିଲା ସେଠାରେ ଆଜି ବୈଷମ୍ୟ କେଉଁ ସ୍ତରରେ ଯାଇ ପହଂଚିଲାଣି । ଚୀନ୍ ନିଜକୁ କମ୍ୟୁନିଷ୍ଟ ରାଷ୍ଟ୍ର ବୋଲି ଘୋଷଣା କରୁଥିଲେ ହେଁ ସେଠାରେ ଜନସଂଖ୍ୟାର ଉପର ଶତକଡ଼ା ଏକ ଭାଗଙ୍କ ହାତରେ ରାଷ୍ଟ୍ର ସମ୍ପତ୍ତିର ଶତକଡ଼ା ୪୩.୮ଭାଗ ରହିବା ବୈଷମ୍ୟର ଏକ ଗମ୍ଭୀର ଉଦାହରଣ । ଯେଉଁ ଅଧ୍ୟୟନରୁ ଏହି ପରିସଂଖ୍ୟାନ ଏଠାରେ ପରିବେଷଣ କରାଯାଉଛି ସେହି ଅଧ୍ୟୟନରୁ ଜଣାପଡ଼େ ଯେ ଗତ ଦୁଇ ଦଶନ୍ଧି ଭିତରେ ଚୀନ, ଇଣ୍ଡୋନେସିଆ, ଲାଓସ, ଭାରତ, ବଙ୍ଗଳାଦେଶ ଏବଂ ଶ୍ରୀଲଙ୍କାରେ ସେମାନଙ୍କର ଜନସଂଖ୍ୟାର ଶତକଡ଼ା ୧୦ଭାଗ ସବୁଠାରୁ ଧନୀଙ୍କର ସମ୍ପତ୍ତିରେ ଶତକଡ଼ା ୧୫ଭାଗରୁ ଅଧିକ ବୃଦ୍ଧି ହୋଇଛି । ଅପରପକ୍ଷରେ ଜନସଂଖ୍ୟାର ଦରିଦ୍ରତମ ଶତକଡ଼ା ୧୦ଭାଗଙ୍କର ସମ୍ପତ୍ତିରେ ଶତକଡ଼ା ୧୫ ଭାଗ ହ୍ରାସ ହୋଇଛି । ଅର୍ଥାତ୍ ଧନୀ ଅଧିକ ଧନୀ ହେଉଛି ଓ ଗରିବ ଅଧିକ ଗରିବ ହେଉଛି । ଏହି ଅଧ୍ୟୟନ ଅନୁସାରେ ଭାରତରେ ୮୪ଜଣ ବିଲିଓନାୟାର ଅଛନ୍ତି । (*ଜାନୁଆରୀ ୨୦୧୭ରେ ଉନ୍ମୋଚିତ ଅକ୍ସଫାମ୍‌ର ଅଧ୍ୟୟନ*[୪])

ଭାରତୀୟ ବିଲିଓନାୟାର

ଭାରତୀୟ ବିଲିଓନାୟାରଙ୍କ ଉପରୋକ୍ତ ତାଲିକାରେ ସବା ଉପରେ ଅଛନ୍ତି ମୁକେଶ ଅମ୍ବାନୀ, ଓ ୧୬ ନମ୍ବରରେ ଅଛନ୍ତି ଗୌତମ ଆଦାନୀ । (ଆଦାନୀଙ୍କର ନିଟ୍ ସମ୍ପତ୍ତିର ମୂଲ୍ୟ ୩.୫ ବିଲିୟନ ଡଲାର ଅର୍ଥାତ୍ ଆଜିକା ଡଲାରର ଟଙ୍କା ମୂଲ୍ୟରେ (୬୫.୧୩ଟଙ୍କା)୨୨୭୯୫.୫୦ ହୋଇଥିବା ବେଳେ ଆଦାନୀଙ୍କର କମ୍ପାନୀ ମାନଙ୍କର ବ୍ୟାଙ୍କ ଋଣ ହେଉଛି ପାଖାପାଖି ୭୨୦୦୦ କୋଟି ଟଙ୍କା ଅର୍ଥାତ୍ ଋଣ ସମ୍ପତ୍ତିର ୩.୧୫ ଗୁଣ; କୁହାଯାଉଛି ଯେ ଆଦାନୀଙ୍କର ଋଣର ପରିମାଣ କୃଷକଙ୍କୁ ଛାଡ଼ କରାଯାଇଥିବା ଋଣର ପରିମାଣ ସହ ପ୍ରାୟ ସମାନ[୫] ।   ) ଏମାନଙ୍କର ବର୍ତ୍ତମାନର ସରକାର ଉପରେ କେତେ ପ୍ରଭାବ ତାହା ସର୍ବସାଧାରଣଙ୍କ ଜ୍ଞାତସାରରେ ଅଛି । ମୁକେଶ ଅମ୍ବାନୀ ଓ ମୋଦୀଙ୍କ ମଧ୍ୟରେ ସମ୍ପର୍କ କେତେ ନିବିଡ଼, ତାହା ଦୁହିଁଙ୍କର ଯୁଗଳ ଫଟରୁ ଜଣାପଡ଼େ । ଆଦାନୀଙ୍କ ପାଇଁ ତ ମୋଦୀ ତାଙ୍କର ଅଷ୍ଟ୍ରେଲିଆ ଗସ୍ତବେଳେ ବସନ୍ତି ଷ୍ଟେଟ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆର ଚେୟାରମ୍ୟାନ ଅରୁନ୍ଧତୀ ଭଟ୍ଟାଚାର୍ଯ୍ୟଙ୍କ ସହ ଅଷ୍ଟ୍ରେଲିଆରେ, ଯେତେବେଳେ ଆଦାନୀ ଅଷ୍ଟ୍ରେଲିଆରେ ଏକ କୋଇଲା ଖନନ କମ୍ପାନୀ ପାଇଁ ୬୦୦୦ କୋଟି ଟଙ୍କା ଋଣ ଷ୍ଟେଟ୍‌ବ୍ୟାଙ୍କ୍ ଅଫ୍ ଇଣ୍ଡିଆରୁ ନେବା ପାଇଁ ବ୍ୟଗ୍ର[୬] ।  ମୋଦୀ ପ୍ରଧାନମନ୍ତ୍ରୀ ହେବାର ଯଥେଷ୍ଟ ପୂର୍ବରୁ, ପାଂଚବର୍ଷ ପୂର୍ବରୁ (ଜାନୁଆରୀ ୨୦୦୯), ଅନୀଲ ଅମ୍ବାନୀ, ସୁନୀଲ ମିତ୍ତଲ ପ୍ରସ୍ତାବ ଦେଉଥିଲେ ଯେ ମୋଦୀ ଭାରତର ପ୍ରଧାନମନ୍ତ୍ରୀ ହେବା ଉଚିତ । ଅନୀଲ ଅମ୍ବାନୀ କହୁଥିଲେ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ 'ଗୁଜୁରାଟର ସବୁ କ୍ଷେତ୍ରରେ ବିକାଶ ହୋଇଛି । ଭାବି ଦେଖ ଦେଶର କଣ ହେବ ଯଦି ସେ ଦେଶକୁ ନେତୃତ୍ୱ ଦିଅନ୍ତି ।' ମିତ୍ତଲ କହୁଥିଲେ ମୋଦୀ 'ଏକ ରାଜ୍ୟ ଚଳାଉଛନ୍ତି, ସେ ଦେଶକୁ ମଧ ଚଳାଇପାରିବେ ।' ଆଜି ବିଲିଓନାୟାର ତାଲିକାରେ ଆଠ ନମ୍ବର ସ୍ଥାନରେ ଅଛନ୍ତି ସୁନୀଲ ମିତ୍ତଲ ଓ ୨୫ନମ୍ବରରେ ଅଛନ୍ତି ଅନୀଲ ଅମ୍ବାନୀ । ମୋଦୀଙ୍କର ପ୍ରଧାନମନ୍ତ୍ରୀ ଭାବେ ଶପଥ ଗ୍ରହଣ ଉତ୍ସବରେ କର୍ପୋରେଟ ଜଗତର ମୁଖିଆମାନଙ୍କୁ ନିମନ୍ତ୍ରଣ କରାଯିବା ଏବଂ ସେମାନେ ଉପସ୍ଥିତ ରହିବା ବେଶ୍ ଦୃଷ୍ଟି ଆକର୍ଷଣକାରୀ ଥିଲା[୭] । ଏମାନଙ୍କ ମଧ୍ୟରୁ ଅଧିକାଂଶ ଆଜି ବିଲିଓନାୟାର ତାଲିକାରେ ସ୍ଥାନ ପାଇଛନ୍ତି । କହିବା ବାହୁଲ୍ୟ ଯେ ମୋଦୀଙ୍କ ପଛରେ କର୍ପୋରେଟ ଶକ୍ତି ରହିଛି ଯେଉଁମାନଙ୍କ ହାତରେ ରହିଛି ସମୁଦାୟ ରାଷ୍ଟ୍ରର ସମ୍ପତ୍ତିର ଅର୍ଦ୍ଧେକ ଠାରୁ ଅଧିକ । କର୍ପୋରେଟ ଜଗତର ଏହି ମାଲିକମାନେ ଯେ ମୋଦୀଙ୍କ ନେତୃତ୍ୱରେ ଗୁଜୁରାଟ ଶାସନକୁ ପ୍ରଶଂସା କରୁଥିଲେ, ତାର କାରଣ ହେଉଛି ସେମାନେ ଏହି ସରକାର ଦ୍ୱାରା ବହୁ ସୁବିଧା ହାସଲ କରୁଥିଲେ ଯାହା ଠିକ ନ ଥିଲା ବୋଲି ସିଏଜି ରିପୋର୍ଟରୁ ପରେ ଜଣା ପଡିଲା (୩୧ ମାର୍ଚ୍ଚ୨୦୧୫) ସେତେବେଳକୁ ଅବଶ୍ୟ ମୋଦୀ ଭାରତର ପ୍ରଧାନମନ୍ତ୍ରୀ ହୋଇଗଲେଣି । ଟାଟାର ନାନୋ ପାଇଁ ୧୧୦୦ ଏକର ଜମି ଯୋଗାଇ ଦିଆଗଲା ଯାହାର ମୂଲ୍ୟ ଆଠଟି କିସ୍ତିରେ, ଶତକଡ଼ା ୮ଚକ୍ରବୃଦ୍ଧି ହାରରେ ନିଆଯିବ ବୋଲି ପ୍ରତିଶୃତି ଦିଆଗଲା । ଷ୍ଟାମ୍ପଡ୍ୟୁଟି (ଶତକଡା ୪.୯) ଛାଡ଼ର ପ୍ରତିଶୃତି ଦିଆଗଲା, ଇଲେକ୍ଟ୍ରିକ ଡ୍ୟୁଟି

ଛାଡର ପ୍ରତିଶ୍ରୁତି ଦିଆଗଲା, ୦.୧ ପ୍ରତିଶତ ସୁଧରେ ୨୦ବର୍ଷରେ ପରିଶୋଧ କରିବା ପାଇଁ ୯,୫୭୦ କୋଟି ଟଙ୍କା ଋଣର ପ୍ରତିଶ୍ରୁତି ଦିଆଗଲା । ମୁକେଶ ଅମ୍ବାନୀଙ୍କର ତ ଜାମନଗରରେ ବୃହତ୍ ତୈଳ ବିଶୋଧନ କାରଖାନା ରହିଛି । ଆଦାନୀଙ୍କୁ କେତେ ଜମି ବିଭିନ୍ନ ସ୍ତରରେ ଦିଆଯାଇଛି ଓ ଏହାଦ୍ୱାର ସରକାର କେତେ ରାଜସ୍ୱ ହରାଇଛନ୍ତି ତାହାର ତ ବିବରଣୀ ମିଳେ ସିଏଜି ରିପୋର୍ଟରୁ । ଅନୀଲ ଅମ୍ବାନୀ ତ ୨୦୧୦ରେ ଘୋଷଣା କରୁଥିଲେ ଯେ ସେ ଗୁଜୁରାଟରେ ଏକ ବିଦ୍ୟୁତ ଉତ୍ପାଦନ କମ୍ପାନୀ ବସାଇବେ ୪୦୦୦୦କୋଟି ଟଙ୍କା ନିବେଶ କରି । ରାଜ୍ୟ ସରକାରଙ୍କଠାରୁ ସେ ପ୍ରତିଶ୍ରୁତି ପାଇଥିଲେ ସବୁ ପ୍ରକାର ସୁବିଧା ସେ ସରକାରଙ୍କଠାରୁ ପାଇବେ ବୋଲି । ଏହା ପ୍ରମାଣିତ କରେ Kortenଙ୍କର ୨୦ ବର୍ଷ ତଳର ଉକ୍ତି, "ଏହାଦ୍ୱାରା ଠୁଳ ହୋଇଛି ପ୍ରଚୁର ଅର୍ଥନୈତିକ ଓ ରାଜନୈତିକ କ୍ଷମତା ଏକ ବିଶିଷ୍ଟ ଶ୍ରେଣୀ ହାତରେ, ଯେଉଁ ଶ୍ରେଣୀର କ୍ରମଶଃ ହ୍ରାସ ପାଉଥିବା ପ୍ରାକୃତିକ ସମ୍ପଦର ଉତ୍ପାଦନରେ ଅଂଶ କିନ୍ତୁ ଏକ ପର୍ଯ୍ୟାପ୍ତ ହାରରେ ବଢ଼ିବାରେ ଲାଗିଛି, ଯାହା ସେମାନଙ୍କୁ ଆଶ୍ୱସ୍ତ କରୁଛି ଯେ ବ୍ୟବସ୍ଥା ପୂର୍ଣ୍ଣ ଭାବରେ ଭଲ କାର୍ଯ୍ୟ କରୁଛି ।" ଏହି ବିଶିଷ୍ଟ ଶ୍ରେଣୀ ହେଉଛି ଭାରତୀୟ କର୍ପୋରେଟ୍ ଶ୍ରେଣୀ । ମୋଦୀ ସରକାରଙ୍କର ଆଚରଣରେ ଯଦି ଫାଶିବାଦର ଗନ୍ଧ ନାକରେ ବାଜୁଛି ତାହାହେଲେ ମୋଦୀଙ୍କର ପ୍ରଧାନମନ୍ତ୍ରୀତ୍ୱ ପଛରେ କର୍ପୋରେଟମାନଙ୍କର ପ୍ରୋତ୍ସାହନକୁ ବିଚାରକୁ ନେଲେ ଓ ଅସହିଷ୍ଣୁତାର ପରିବେଶ ପ୍ରତି ଏହି ବର୍ଗର ନୀରବତା ଦେଖିଲେ କର୍ପୋରେଟ ଫାଶିବାଦ ପ୍ରୟୋଗକୁ ଉପେକ୍ଷା କରି ହେଉନାହିଁ । ପୁଣି କର୍ପୋରେଟ ମିଡିଆର ଭୂମିକାକୁ ଦେଖାଯାଉ ସେମାନେ କିଭଳି ହିନ୍ଦୁ-ମୁସଲମାନ, ଦେଶପ୍ରେମ-ଦେଶଦ୍ରୋହ ବିଭିନ୍ନ ପ୍ରକାରର ବିଭାଜନକାରୀ, ବିଦ୍ୱେଷ ସୃଷ୍ଟିକାରୀ ପ୍ରଚାରରେ ଲିପ୍ତ, ପ୍ରକୃତ ସମସ୍ୟା ଶିକ୍ଷା,ସ୍ୱାସ୍ଥ୍ୟ ରୋଜଗାରକୁ କେନ୍ଦ୍ରକରି ହେଉଥିବା ବିକ୍ଷୋଭ ପ୍ରତି ଉଦାସୀନ । ଏଠି କହିରଖେ ଆଜି ମିଡ଼ିଆର ଏକ ବିରାଟ ଅଂଶରେ ମୁକେଶ ଅମ୍ବାନୀଙ୍କର ରହିଛି ନିବେଶ, ଜି.ଟିଭିର ମାଲିକ ବିଲିଓନାୟାର (୧୫ ନମ୍ବର) ସୁଭାଷ ଚନ୍ଦ୍ରା ତ ବିଜେପି ସମର୍ଥିତ ରାଜ୍ୟସଭା ସଦସ୍ୟ । ଆମକୁ ଆଉ ଟିକିଏ ଗଭୀରତା ସହ ପ୍ରସଙ୍ଗଟିକୁ ଦେଖିବାକୁ ହେବ । କାରଣ ଏହିଭଳି ଧର୍ମକୁ ନେଇ ରାଜନୀତି, ଅସହିଷ୍ଣୁତାର ପରିବେଶରେ ବୃଦ୍ଧି ବୋଧହୁଏ ଏହି କର୍ପୋରେଟମାନଙ୍କୁ ସୁହାଉଛି ।

### କର୍ପୋରେଟର ବିଫଳତା

ପୁଣି ଫେରିବା Kortenଙ୍କ ଉପରୋକ୍ତ ଉକ୍ତିର ପ୍ରଥମ ଅଂଶକୁ, ଯେଉଁଠି ସେ କହୁଛନ୍ତି ସରକାରମାନେ ସାଧାରଣ ଲୋକଙ୍କର ସେବା କରିବାର ନିଜ ଦାୟିତ୍ୱକୁ କର୍ପୋରେଟମାନଙ୍କ ଆଡ଼କୁ ବଢ଼ାଇଦେଲେ । କାରଣ ଏହି ସରକାରମାନେ ଲୋକମାନଙ୍କର ଆଶା ଆକାଂକ୍ଷାକୁ ପୂରଣ କରିବାରେ ସମ୍ପୂର୍ଣ୍ଣ ବିଫଳ ହେଉଥିଲେ ଯାହାଫଳରେ ଲୋକଙ୍କର ହତାଶା କ୍ରୋଧରେ ପରିଣତ ହେଉଥିଲା । କ'ଣ ଥିଲା ସେ ସମସ୍ୟା ସବୁ ଯାହାକୁ ନେଇ କ୍ରୋଧ ବଢୁଥିଲା ? Kortenଙ୍କ ଭାଷାରେ, "ବୃଦ୍ଧି ପାଉଥିବା ଦାରିଦ୍ର୍ୟ, ବେରୋଜଗାରୀ, ବୈଷମ୍ୟ, ହିଂସକ ଅପରାଧ, ପାରିବାରିକ ସଂହତିରେ ପତନ ଏବଂ ପରିବେଶର ଅବକ୍ଷୟ ଦର୍ଶାଏ ଯେ ବିଶ୍ୱର ପ୍ରାୟ ପ୍ରତ୍ୟେକ ରାଷ୍ଟ୍ରରେ ଆମେ ଏକ ଦ୍ରୁତ ସାମାଜିକ ଓ ପାରିବେଶିକ ବିଭାଜନର ସମ୍ମୁଖୀନ ହେଉଛୁ ।" ତେଣୁ ସରକାରମାନେ ଜଗତୀକରଣ ଆଳରେ କର୍ପୋରେଟମାନଙ୍କୁ ଲୋକଙ୍କ ପ୍ରତି ସେମାନଙ୍କର ଦାୟିତ୍ୱକୁ ବଢ଼ାଇ ଦେଇ ଏକ ସାମୟିକ ଆଶ୍ୱସ୍ତି ଲାଭ କରିଥିବେ, କାରଣ ଜଗତୀକରଣ ପ୍ରଥମେ ପ୍ରଥମେ ବହୁ ସୁନେଲୀ ସ୍ୱପ୍ନ ସୃଷ୍ଟି କରୁଥିଲା । ଆଜି ଏହି କର୍ପୋରେଟମାନେ ମଧ୍ୟ ବିଫଳ ହୋଇଛନ୍ତି କାରଣ ଦାରିଦ୍ର୍ୟ, ବେରୋଜଗାରୀ, ବୈଷମ୍ୟ, ହିଂସକ ଅପରାଧ, ପାରିବାରିକ ସଂହତିରେ ପତନ ଏବଂ ପରିବେଶର ଅବକ୍ଷୟ କୌଣସିଟି ହ୍ରାସ ପାଇନାହିଁ ବରଂ ଆହୁରି ଅଧିକ ଗମ୍ଭୀର ହୋଇଛି । ତେଣୁ ଉଭୟ ସରକାର ଓ କର୍ପୋରେଟଙ୍କ ପାଇଁ ଏକ ମାତ୍ର ବାଟ ହୋଇଛି ଏହି ସମସ୍ୟା ଗୁଡିକଠାରୁ ଲୋକଙ୍କର ଦୃଷ୍ଟିକୁ ବିଚ୍ୟୁତ କରିବା । ତାହା ସମ୍ଭବ ଯଦି ଏହି ଲୋକମାନେ ଧର୍ମ ନାଁରେ, ଜାତି ନାଁରେ, ଭାଷା ନାଁରେ ଲଢୁଥିବେ । ଦେଶପ୍ରେମ-ଦେଶଦ୍ରୋହର ଦ୍ୱନ୍ଦ୍ୱରେ ଛନ୍ଦି ହେଉଥିବେ । ସ୍ୱାଭାବିକ ଯେଉଁମାନେ ଏହି ସଂକୀର୍ଣ୍ଣତା ବିରୋଧରେ ସ୍ୱର ଉ ାଳନ କରୁଛନ୍ତି ତାଙ୍କୁ ନୀରବ କରାଇ ଦିଆଯାଉଛି, ଧମକ ଦେଇ ବା ହିଂସାର ଆଶ୍ରୟ ନେଇ, ଏପରିକି ହତ୍ୟା କରି । ଫାଶିବାଦ ଯେ ହିଂସା ପ୍ରତି ଏକ ସକାରାତ୍ମକ ଦୃଷ୍ଟିକୋଣ ରଖେ ! ଏହି ବିଚାରର ପୃଷ୍ଠଭୂମିରେ ଆମେ ଦେଖୁଥିବା ମଣିଷର ବାକ୍ ସ୍ୱାଧୀନତା ଉପରେ ଆକ୍ରମଣ, ସଂଖ୍ୟାଲଘୁ ମଧ୍ୟରେ ସୃଷ୍ଟ ଭୟର ବାତାବରଣ, ଅସହିଷ୍ଣୁତାକୁ କର୍ପୋରେଟ ଫାଶିବାଦୀ ଆକ୍ରମଣର ପରିପ୍ରକାଶ ବୋଲି କହିପାରିବା ।

### ରୁଷ ବିପ୍ଳବରୁ ଶିକ୍ଷା

ରୁଷ୍ ବିପ୍ଲବରୁ ତାହାଲେ କେଉଁ ଶିକ୍ଷା ଏହି ଆକ୍ରମଣକୁ ପ୍ରତିହତ କରିପାରେ? ମୁଁ ଜଣେ ଐତିହାସିକ ଓ ଆକ୍ଟିଭିଷ୍ଟ Paul Le Blancଙ୍କ ଭାଷାରେ କହିବିଂ–

୧.ଉତ୍ପୀଡ଼ନ ଓ ଦମନକୁ ଅତିକ୍ରମ କରିବାର ଏକମାତ୍ର ବାଟ ହେଉଛି ନିଜର ଚେଷ୍ଟା, ସମସ୍ତ ଅତ୍ୟାଚାରିତ ଶ୍ରମଜୀବୀଙ୍କର ଐକ୍ୟ, ସମାଜବାଦରେ ଆର୍ଥିକ ଓ ରାଜନୈତିକ ଗଣତନ୍ତ୍ରର ସ୍ଥାପନା, ବିଶ୍ୱୀୟ ପ୍ରକ୍ରିୟାଗୁଡ଼ିକର ସଠିକ୍ ବୁଝାମଣା।

୨. ଯଦି ଆମେ ଏହି ସମସ୍ତ ବିଷୟ ପ୍ରତି ବାସ୍ତବିକ ନିଷ୍ଠାବାନ ତାହାହେଲେ ମୂଳରୁ ଓ ନିରବିଚ୍ଛିନ୍ନ ଭାବରେ ଏହାକୁ ଉଚ୍ଚସ୍ୱରରେ ଓ ସ୍ପଷ୍ଟଭାବରେ ଏପରି କହିବାକୁ ହେବ ଯେପରି ଏହାକୁ ଅଧିକରୁ ଅଧିକ ଲୋକ ବୁଝିପାରିବେ ଏବଂ ଅଧିକରୁ ଅଧିକ ଲୋକ ଅନୁଭବ କରିପାରିବେ ଏହାର ସେମାନଙ୍କର ଜୀବନରେ ପ୍ରାସଙ୍ଗିକତା।

୩.ଏହାର ଅର୍ଥ ନୁହେଁ ଯେ ଆମେ କେବଳ ଲୋକଙ୍କୁ ବକ୍ତୃତା ଦେବା, ବରଂ ତାଙ୍କୁ ଶୁଣିବା, ସେମାନଙ୍କ ଠାରୁ ଶିଖିବା ଓ ଆମେ ଯାହା ବୁଝିଛେ ଓ ସେମାନେ ଯାହା ବୁଝିଛନ୍ତି ତାର ଏକୀକରଣ କରିବା।

୪.ଏହା ସମ୍ଭବ ଯେତେବେଳେ ଆମେ ନିଜେ ସେ ସଂଘର୍ଷର ଅଂଶବିଶେଷ ହେବା ଯେଉଁ ସଂଘର୍ଷରେ ବହୁସଂଖ୍ୟକ ଲୋକ ସମ୍ପୃକ୍ତ ବା ସମ୍ପୃକ୍ତ ହେବା ପାଇଁ ପ୍ରସ୍ତୁତ। ସେ ସଂଘର୍ଷ ବୈପ୍ଳବିକ ସମାଜବାଦ ପାଇଁ ନ ହୋଇପାରେ, କିନ୍ତୁ ହୋଇପାରେ ରୁଟି ପାଇଁ, ଅତି କମ୍ ପକ୍ଷେ ହେଉ ପ୍ରାଥମିକ ସ୍ତରର ମର୍ଯ୍ୟାଦା ପାଇଁ, ଅନ୍ୟୁନ କିଛି ସୀମିତ ଅଧିକାର ଓ ଭଲ ଅବସ୍ଥା ପାଇଁ।

## *କୃତ୍ରିମ ବୁଦ୍ଧି ଚାଳିତ ଯନ୍ତ୍ର ଓ ଶ୍ରମ*

ଯେଉଁମାନେ ସାମ୍ୟବାଦୀ ଚିନ୍ତାଧାରାର ପ୍ରୟୋଗ କରି ଲୋକମାନଙ୍କ ମଧ୍ୟରେ କାର୍ଯ୍ୟ କରୁଛନ୍ତି ସେମାନେ ଏହି ଶିକ୍ଷା ସମ୍ପର୍କରେ ଅବଗତ ଥିବେ ଓ ତାହାର ପ୍ରୟୋଗ କରୁଥିବେ। କିନ୍ତୁ ଏହା ଉଲ୍ଲେଖ କରିବା ପ୍ରାସଙ୍ଗିକ ହେବ ଯେ ସୂଚନା ପ୍ରଯୁକ୍ତି ବିଦ୍ୟାରେ ଯେଉଁ ତ୍ୱରିତ ପରିବ ର୍ନ ଆସୁଛି ତାହା ଶ୍ରମକୁ ମଣିଷଠାରୁ ବହୁଳ ମାତ୍ରାରେ ଅଲଗା କରିଦେବ। ମେସିନ ମଣିଷକୁ ସ୍ଥାନାନ୍ତରିତ କରିଦେବ। ରୋବଟ ଓ କୃତ୍ରିମ ବୁଦ୍ଧିର ମେସିନ ମଣିଷର ସ୍ଥାନ ନେବ। ଯେଉଁ ଗୁଡିକ repetitive ଓ predictable, ଅର୍ଥାତ୍ ଦିନ ପରେ ଦିନ ଯେଉଁ କାର୍ଯ୍ୟଗୁଡ଼ିକ ସମାନ ଢଙ୍ଗରେ କରାଯାଏ ବା ଯେଉଁ କାର୍ଯ୍ୟଗୁଡିକର ଭବିଷ୍ୟତ ସ୍ୱରୂପକୁ ଅନୁମାନ କରି ହେବ, ସେହିଭଳି କାର୍ଯ୍ୟ ପାଇଁ ମଣିଷର ଆଉ ଆବଶ୍ୟକତା ପଡ଼ିବ ନାହିଁ, ତାକୁ ମେସିନ କରିଦେବ। ଏପରିକି ବହୁ ସୃଜନୀ କାର୍ଯ୍ୟ ଯେପରି ସାମ୍ବାଦିକତା, ସମ୍ବାଦ ଲେଖିବା କାର୍ଯ୍ୟ ମଧ୍ୟ ମେସିନ କରିବ। ଆଗାମୀ ୧୦ବର୍ଷ ଭିତରେ ଶତକଡା ୯୦ଭାଗ ସମ୍ବାଦ ଏହିଭଳି ଲେଖାହେବ। ଅର୍ଥାତ୍ ସାମ୍ବାଦିକଙ୍କର ଆବଶ୍ୟକତା ଆଉ ରହିବ ନାହିଁ। ଏହିଭଳି ସମ୍ଭାବନାର ଭବିଷ୍ୟତ ବାଣୀ କରିଥିଲେ Korten , ଯେତେବେଳେ ସେ ଲେଖିଲେ ((ପୃ-୨୪୦)), "କମ୍ପ୍ୟୁଟର ଓ ଇଲେକ୍ଟ୍ରୋନିକ ସେନ୍ସର (sensors) ବ୍ୟବହାର କରୁଥିବା ସୂଚନା ପ୍ରଯୁକ୍ତି ବିଦ୍ୟାରେ ହେଉଥିବା ପ୍ରମୁଖ ଆବିଷ୍କାରଗୁଡ଼ିକର ପ୍ରୟୋଗ କରି ମେସିନକୁ ଆଖି, କାନ ଏବଂ ଦେଖିବା ପାଇଁ, ଶୁଣିବା ପାଇଁ , ବ୍ୟୁତ୍ପ ି କରିବା ଓ କର୍ମ ସମ୍ପାଦନ (interprete and act) ପାଇଁ ମସ୍ତିଷ୍କ (*ବା ମେଧା*) ଦେବାର ସମ୍ଭାବନାକୁ ଦ୍ୱିତୀୟ ଶିଳ୍ପ ବିପ୍ଳବ ତଲାସୁଛି। ଏହିଭଳି ପ୍ରଯୁକ୍ତି ବିଦ୍ୟା ତା'ର ଶୈଶବ ଅବସ୍ଥାରେ ଅଛି ଏବଂ ଆମେ ଜାଣୁ ନା ଏହା କେତେଦୂର ଯିବ।" ଏହି ପ୍ରଯୁକ୍ତି ବିଦ୍ୟା (technologies) କେତେ ଅଗ୍ରଗତି କରିଛି ତାହାର ବିବରଣୀ ପାଉ The Rise of The Robots (by Martin Ford, 2015, reprinted 2016, One World Publication ) l ତେଣୁ ଭବିଷ୍ୟତ ଅପେକ୍ଷା କରିଛି ଶ୍ରମହୀନ ମଣିଷଙ୍କର ଏକ ବିରାଟ ବାହିନୀର ଦୁଃସମୟକୁ। କିନ୍ତୁ ପୁଂଜିବାଦୀ ଅର୍ଥନୀତି ଯାହା କାର୍ଯ୍ୟଦକ୍ଷତା ଉପରେ ଗୁରୁତ୍ୱ ଦିଏ ଓ ପଇସାରେ ଏହାକୁ ମାପେ ସେ ମେସିନକୁ ମଣିଷ ଅପେକ୍ଷା ଅଧିକ କାର୍ଯ୍ୟକ୍ଷମ ପାଇଲେ ମଣିଷକୁ କାର୍ଯ୍ୟରୁ ବିଦା କରିଦେବା ପାଇଁ କାହିଁକି କୁଣ୍ଠିତ ହେବ?। ପୁଣି ଉଦ୍ଧାର କରେ ୨୦ବର୍ଷ ତଳେ ଯାହା Korten କହିଥିଲେ, (ପୃ ୨୪୭) "ଯେଉଁ ଅର୍ଥନୀତିରେ କର୍ମ ଦକ୍ଷତାକୁ ପଇସାରେ ମପାଯାଏ, ସେଠାରେ ଲୋକେ ହୋଇଯାଆନ୍ତି ଅଦକ୍ଷତା (inefficiency)ର ମୁଖ୍ୟ ଉତ୍ସ ଏବଂ ଏହି ଅର୍ଥନୀତି ସେମାନଙ୍କୁ ପ୍ରତିଶୋଧ ନେଲା ପରି ନିଜ ଉପରୁ ଝାଡ଼ି ଦିଏ (shedding them with vengeance)। ଯେତେବେଳେ ପଇସାସର୍ବସ୍ୱ ବ୍ୟବସ୍ଥା ବିଶ୍ୱକୁ ଶାସନ କରେ, ସେତେବେଳେ ଏହା ବୋଧହୁଏ ଅବଶ୍ୟମ୍ଭାବୀ ଯେ ପଇସାର ସ୍ୱାର୍ଥ ଲୋକଙ୍କ ସ୍ୱାର୍ଥ ଉପରେ ରହିବ। ଯାହା ବ ର୍ମାନ ଆମେ ଭୋଗୁଛୁ ତାହା ପଇସା ମଣିଷ ଜୀବନକୁ ଏକ ଉପନିବେଶରେ ପରିଣତ କରିବାର ଏକ ଦୃଷ୍ଟାନ୍ତ ବୋଲି କୁହାଯାଇପାରେ।" ଆଜି କର୍ପୋରେଟ ହାତରେ ପଇସା ଠୁଳ ହେବା ଯେତେବେଳେ ଏକ ସ୍ୱାଭାବିକ ଦୃଶ୍ୟ ଓ ଏହି

ପଇସାର ହିତାଧିକାରୀ ହେଉଛି କ୍ଷମତାସୀନ ରାଜନୈତିକ ଦଳ, ସେତେବେଳେ ସାଧାରଣ ମଣିଷର ଜୀବନ ଯେ ପରୋକ୍ଷରେ କର୍ପୋରେଟ ହାତରେ ବନ୍ଧା ପଡ଼ିଗଲାଣି-ଏହା କହିବା କଣ ଅତିଶୟୋକ୍ତି ହେବ ?

## ବ୍ୟବହୃତ ଉପାଦାନ ସୂଚୀ


୧.Know The RSS by Shamsul Islam, Pharos Media and Publishing Pvt. Limited, Delhi, 2017,`pp.7-10

୨.Anil Ambani, Sunil Mittal bat for Narendra Modi as PM - Times of India , PTI | Jan 14, 2009, https://timesofindia.indiatimes.com/business/india-business/Anil-Ambani

୩.BJP is darling of corporates, shows ADR report; party gets Rs 705 crore , FE Online| New Delhi | Updated: August 17, 2017 ,... http://www.financialexpress.com/india-news/bjp-is-darling-of-corporates.

୪.Richest 1% own 58% of total wealth in India: Oxfam, PTI Davos, January 16, 2017 ,http://www.thehindu.com/business/Economy/Richest-1-own-58-of-total-wealth-in-India-Oxfam/article17044486.ece

୫.Adani's debt equals to entire farm debt' , PTI ,New Delhi, May 05, 2016. http://www.thehindu.com/news/national/adanis-debt-equals-to-entire-farm-debt/article8560896.ece

୬. Billion Dollar Question , L O L A N A Y A R , 01 DECEMBER 2014 , https://www.outlookindia.com/magazine/story/billion -dollar-question/292635

୭.Ambani, Hinduja, Adani Lead India Inc at Narendra Modi Swearing-In , Press Trust of India , May 26, 2014 , https://www.ndtv.com/elections-news/ambani-hinduja-adani-lead-india-i..

୮.Gujarat model of development: More hype than substance | Paranjoy Guha... http://www.paranjoy.in/article/gujarat-model-of-development-more-hype-Originally published in Rediffon Thursday, April 2, 2015.

୯.The October Revolution: lessons and legacy , Written by Paul Le Blanc Published in Articles ,Fri 3 Mar, 2017 , http://www.revolution-1917.org/2017/03/03/the-october-revolution-lessons-and-legacy/


*ସିପିଆଇ-ଏମ୍ ଏଲ୍(ରେଡ୍ଷ୍ଟାର୍) ତରଫରୁ ରୁଷ୍ ବିପ୍ଳବର ଶତବାର୍ଷିକୀ ପାଳନ ଅବସରରେ ୭ ଅକ୍ଟୋବର ୨୦୧୭ଦିନ ରୋଟାରୀ ଭବନ, ଭୁବନେଶ୍ୱରଠାରେ ଆୟୋଜିତ ଆଲୋଚନା ଚକ୍ରରେ ଉପସ୍ଥାପିତ ବକ୍ତବ୍ୟର ସମ୍ପାଦିତ ସଂସ୍କରଣ)